# ସାକ୍ଷୀକୁ ଧମକ ଦେବା ଅଭିଯୋଗରେ ବୁଲୁ ଗିରଫ

ବ୍ରହ୍ମପୁର,୨୭ ।୭(ସମିସ): ସାକ୍ଷୀକୁ ଧମକ ଦେବା ଓ କୋର୍ଟ ଆଦେଶ ଅବମାନନା ଅଭିଯୋଗରେ ସଦର ଥାନା ପୁଲିସ ଦକ୍ଷିଣପୁରର ରାମକୃଷ୍ଣ ନାହାକ ଓରଫ ବୁଲୁ(୩୮)କୁ ଗିରଫ କରି କୋର୍ଟଚାଲାଣ କରିଛି।



ଗତବର୍ଷ ସେପ୍ଟେମ୍ବରରେ ନକଲି ମଦ କାରବାର ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ବୁଲୁକୁ ପୁଲିସ ଶିବା ଚୌଧୁରୀ ହତ୍ୟା ମାମଲାରେ ଯୋଡ଼ିଥିଲା ପୁଲିସ। ଗତ ମେ' ମାସରେ ବୁଲୁଙ୍କୁ କୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲା। ମେ' ୨୯ ସନ୍ଧ୍ୟାରେ ଜେଲ୍‌ରୁ ସେ ମୁକୁଳି ଥିଲେ। କୋର୍ଟଙ୍କ ସର୍ତ୍ତ ରହିଥିଲା କି ସପ୍ତାହକୁ ଥରେ ଥାନାରେ ହାଜିରା ଦେବେ ଓ ସ୍ଥାନୀୟ ମେଡ଼ିକାଲ ସଫା କରିବେ, ସାକ୍ଷୀ ଓ ଅଭିଯୋଗକାରୀକୁ ଧମକ ଚମକ ଦେବେନାହିଁ। ଏଭଳି ସର୍ତ୍ତ ସତ୍ତ୍ୱେ ବୁଲୁ ଥାନାକୁ ହାଜିରା ଦେବାକୁ ଯାଉ ନଥିଲା କି ମେଡ଼ିକାଲ ସଫା କରୁନଥିଲା। ଏପରିକି ସାକ୍ଷୀଙ୍କୁ ଧମକ ଦେଇଥିଲା। ଆମ୍ବଗଡ଼ର ସାଗର ମହାଙ୍କୁଡ଼(୧୯) ଶିବା ଚୌଧୁରୀ ହତ୍ୟା ମାମଲାର ଅନ୍ୟତମ ସାକ୍ଷୀ ରହିଥିଲେ। ଗତ କିଛିଦିନ ହେଲା ବୁଲୁ ସାକ୍ଷୀ ସାଗରକୁ ଧମକ ଦେଇଥିଲେ। ଦୁଇଦିନ ପୂର୍ବେ ଆମ୍ବଗଡ଼ ଛକରେ ସାଗର ଛିଡ଼ା ହୋଇଥିବା ବେଳେ ବୁଲୁ ସେଠାରେ ପହଞ୍ଚି ଯଦି ହତ୍ୟା ମାମଲାରେ ସାକ୍ଷୀ ନ ଉଠାଇବୁ ତେବେ ଜୀବନରୁ ମାରିଦେବ ବୋଲି ଧମକ ଦେଇଥିଲା। ଏନେଇ ସାଗର ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ବୁଲୁକୁ କୋର୍ଟ ନିର୍ଦ୍ଦେଶକୁ ଖିଲାପ କରିବା ସହ ସାକ୍ଷୀଙ୍କୁ ଧମକ ଦେବା ଅଭିଯୋଗରେ ଗିରଫ କରିଥିବା ଥାନା ଅଧିକାରୀ ରାମସୁବ୍ରମନ୍ୟମ ପ୍ରଧାନ କହିଛନ୍ତି।

# ଗଞ୍ଜାମରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ



ବ୍ରହ୍ମପୁର,୨୭ ।୭(ସମିସ): ବ୍ରହ୍ମପୁର ସ୍ଥିତ ଜିଲ୍ଲା ଅଦାଲତ ପରିସରରେ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷା ଡ଼ା ଭାଗ୍ୟଲକ୍ଷ୍ମୀ ରଥଙ୍କ ନିର୍ଦ୍ଦେଶ କ୍ରମେ ସଚିବ ଦେବଶ୍ରୀ ସାହୁଙ୍କ ପରିଚାଳନାରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରୀୟ ଲୋକ ଅଦାଲତରେ କେବଳ ବିଚାରାଧୀନ ଚେକ୍ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ ହୋଇଥିବା ଜଣାପଡିଛି। ଏହି ଜିଲ୍ଲାସ୍ତରୀୟ ଲୋକ ଅଦାଲତରେ ଦୀର୍ଘଦିନ ଧରି ପଡି ରହିଥିବା ୨୩୩ଟି ମୋକଦ୍ଦମା ମଧ୍ୟରୁ ନିଃଶୁଳ୍କ ଏବଂ ସ୍ୱଳ୍ପ ସମୟ ମଧ୍ୟରେ ୨୦ଟି ମାମଲାରେ ୬୮ ଲକ୍ଷ ୪୧ହଜାର ୬୫୧ଟଙ୍କା ଆଦାୟ ସହ ମାମଲାର ସମାଧାନ କରାଯାଇଥିବା ଜଣାପଡ଼ିଛି।

# ଗଞ୍ଜାମ ଜିଲ୍ଲା ଦଣ୍ଡନାଚ ମହାସଂଘର ବୈଠକ



ବ୍ରହ୍ମପୁର,୨୭ ।୭(ସମିସ): ମିନାକ୍ଷୀ ନଗର ସ୍ଥିତ ଦକ୍ଷିଣ ଦଣ୍ଡକାଳୀ ମନ୍ଦିରରେ ଗଞ୍ଜାମ ଜିଲ୍ଲା ଦଣ୍ଡନାଚ ମହାସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ମହାସଂଘର ସଭାପତି ଶିବରାମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ଦିନରେ ଦଣ୍ଡନାଚରେ ସାମାଜିକ ନାଟକ ଓ ରେକର୍ଡ ଡ୍ୟାନ୍ସକୁ ନିଷିଦ୍ଧ କରିବା ମହାସଂଘ ପକ୍ଷରୁ ପୂର୍ବରୁ ନିଷ୍ପତି ହୋଇଥିବା ବେଳେ ତାହା ବଳବତ୍ତର ରହିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା। କୌଣସି ଆନୁଷ୍ଠାନ ଏହି ନିଷ୍ପତିକୁ ଖିଲାପ କଲେ ମହାସଂଘ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥିର ହୋଇଛି। ବୈଠକରେ ମହାସଂଘ ସମ୍ପାଦକ ଶରତ ଚନ୍ଦ୍ର ସାହୁ, ବ୍ରହ୍ମପୁର ମହାନଗର ଦଣ୍ଡନାଚ ସଂଘର ସଭାପତି ଦେବୀ ପ୍ରସାଦ ପଣ୍ଡା ଓ ସମ୍ପାଦକ ଟି. ନାନୀ ରାଓଙ୍କ ସମେତ ବିଭିନ୍ନ ସଂଘର କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଜରାଜୀର୍ଣ୍ଣ ବୀମାନଗର ଶିଶୁ ଉଦ୍ୟାନ; ଫାଟକରେ ତାଲା

ବ୍ରହ୍ମପୁର,୨୭ ।୭(ସମିସ)

ଶିଶୁଙ୍କ ଶାରିରୀକ ଓ ମାନସିକ ବିକାଶ ଲକ୍ଷ୍ୟରେ ବ୍ରହ୍ମପୁର ଉନ୍ନୟନ

## ନଷ୍ଟ ହେଉଛି ଲକ୍ଷାଧିକ ଟଙ୍କାର ସାମଗ୍ରୀ

କର୍ତ୍ତୃପକ୍ଷ(ବିଇଡ଼ିଏ) ଓ ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଶିଶୁ ଉଦ୍ୟାନ ତଥା ଶିଶୁଙ୍କ ଖେଳ ପଡ଼ିଆ ନିର୍ମାଣ କରାଯାଇଛି। ଉଭୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିଜସ୍ୱ ଖାଲି ସ୍ଥାନ ଗୁଡିକରେ ଏଭଳି ବିଭିନ୍ନ ପ୍ରକଳ୍ପ ନିର୍ମାଣ କରାଯାଉଛି। ଏଥି ନିମନ୍ତେ ଲକ୍ଷାଧିକ ଟଙ୍କା ବିନିଯୋଗ ହେଉଛି। ସେଥିରେ ଶିଶୁଙ୍କ ନିମନ୍ତେ ବିଭିନ୍ନ ଖେଳ ସାମଗ୍ରୀ, ଦୋଳି, ପେଭର ବ୍ଲକ ଆଚ୍ଛାଦିତ ଚଲାପଥ, ଆଲୋକୀକରଣର ବ୍ୟବସ୍ଥା ଓ ବିଶ୍ରାମ ନିମନ୍ତେ ଚେୟାରର ମଧ୍ୟ ବ୍ୟବସ୍ଥା ରହିଛି। ହେଲେ ଶିଶୁ ଉଦ୍ୟାନ ଓ ଖେଳପଡ଼ିଆ ଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣା ଅଭାବରୁ ତାହା ଏବେ ଅଲୋଡ଼ା ହୋଇପଡ଼ିଛି। ବିଇଏମସି ୪୨ନମ୍ବର ୱାର୍ଡ଼ ଅନ୍ତର୍ଗତ ବୀମାନଗରରେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ କିଛି ବର୍ଷ ପୂର୍ବେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ଶିଶୁ ଉଦ୍ୟାନ ନିର୍ମାଣ କରାଯାଇଥିଲା। ଏହାର ଚାରିପଟେ ପାଚେରି ସାଙ୍ଗକୁ ପଡ଼ିଆ ପରିସରରେ ପେଭର ବ୍ଲକ ଆଚ୍ଛାଦିତ ଚଲାପଥ ମଧ୍ୟ ନିର୍ମାଣ କରାଯାଇଛି। ଉଦ୍ୟାନରେ ଶିଶୁଙ୍କ ପାଇଁ ଆବଶ୍ୟକ ଖେଳସାମଗ୍ରୀ ରହିଛି। କିନ୍ତୁ ଏହା ଏବେ କାର୍ଯ୍ୟରେ ଲାଗୁନି।




ଗତ କିଛିମାସ ହେବ ଉଦ୍ୟାନ ମୁଖ୍ୟ ଫାଟକରେ ତାଲା ଝୁଲୁଥିବା ବେଳେ ଭିତରେ ଜରାଜୀର୍ଣ୍ଣ ଅବସ୍ଥା ଦେଖାଦେଇଛି। ଫଳରେ ସ୍ଥାନୀୟ ଅଞ୍ଚଳର ଛୋଟ ଶିଶୁମାନେ ପଡିଆରେ ବିଭିନ୍ନ ଖେଳ ଖେଳିବା ଓ ଭରପୁର ମନୋରଂଜନରୁ ବଞ୍ଚିତ ହେଉଛନ୍ତି। ସେହିପରି ସକାଳ ସମୟରେ ସ୍ଥାନୀୟ ବାସିନ୍ଦା ମଧ୍ୟ ପ୍ରାତଃଭ୍ରମଣ ନିମନ୍ତେ ପଡ଼ିଆକୁ ବ୍ୟବହାର କରି ପାରୁନଥିବା ଅଭିଯୋଗ ହୋଇଛି। ବିଇଡିଏ ପକ୍ଷରୁ ଉକ୍ତ ଶିଶୁ ଉଦ୍ୟାନର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦିଆଯାଉନି। ଏନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ହେଁ କେହି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ଫଳରେ ଦୀର୍ଘଦିନ ଧରି ଲଟାବୁଦାରେ ପରିପୂର୍ଣ୍ଣ ହୋଇରହିଛି ଶିଶୁ ଉଦ୍ୟାନ। ପଡ଼ିଆରେ ଥିବା ଶିଶୁଙ୍କ କ୍ରୀଡ଼ା ସାମଗ୍ରୀ ଗୁଡ଼ିକ ଲଟାବୁଦାରେ ପୋତି ହୋଇ ନଷ୍ଟ ହେବାକୁ ବସିଲାଣି। ପେଭର ବ୍ଲକ ଆଚ୍ଛାଦିତ ରାସ୍ତା ଘାସବୁଦାରେ ପୋତି ହୋଇପଡିଛି। ଏହା ସହ ଶିଶୁ ଉଦ୍ୟାନ ସମ୍ମୁଖରେ ଏକ ଟ୍ରାନ୍ସଫର୍ମର ରହିଥିବା ବେଳେ ଉକ୍ତ ସ୍ଥାନକୁ ଯିବା ବିପଦପୂର୍ଣ୍ଣ ହୋଇପଡ଼ିଛି। ଏଭଳି ଭାବେ ଉଦ୍ୟାନର ରକ୍ଷଣାବେକ୍ଷଣା ନିମନ୍ତେ ବିଇଡିଏ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଦୀର୍ଘ ଦିନ ଧରି ଅଚଳ ରହିଥିବା ଶିଶୁ ଉଦ୍ୟାନର ରକ୍ଷଣାବେକ୍ଷଣା ସହ ଏହାକୁ ବ୍ୟବହାର ଉପଯୋଗୀ କରିବାକୁ ବିଇଡ଼ିଏ କର୍ତ୍ତୃପକ୍ଷ ଆବଶ୍ୟକ ମୁତାବକ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ଏମ୍‌କେସିଜି ଖେଳପଡ଼ିଆ ନିକଟରୁ ମୃତଦେହ ଜବତ ଘଟଣା

# ବ୍ୟବଚ୍ଛେଦରୁ ମିଳିଲାନି ସୁରାକ; କିପରି ଆଗେଇବ ତଦନ୍ତ

ବ୍ରହ୍ମପୁର,୨୭ ।୭(ସମିସ)

ହାତ, ଗୋଡ଼ ଓ ଯୌନାଙ୍ଗ କାଟି ଏମ୍‌କେସିଜି ମେଡିକାଲ ଖେଳପଡ଼ିଆ ନିକଟରେ ଫିଙ୍ଗା ଯାଇଥିବା ଏକ ଗଳିତ ଶବକୁ ପୁଲିସ ଉଦ୍ଧାର କରିଥିଲା। ହତ୍ୟାପରେ ଶବକୁ ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଥିଲେ ମଧ୍ୟ ଘଟଣାର ୧୨ଦିନ ପରେ ବି ମୃତକଙ୍କ ପରିଚୟ ମିଳିନାହିଁ। ସିସିଟିଭି ଫୁଟେଜରୁ ତଥ୍ୟ ଖୋଜିବାକୁ ଉଦ୍ୟମ ଜାରି ରହିଥିବା ବେଳେ ଇତି ମଧ୍ୟରେ ଶବ ବ୍ୟବଚ୍ଛେଦ ରିପୋର୍ଟ ମଧ୍ୟ ପୁଲିସର ହସ୍ତଗତ ହୋଇଥିବା କହିଛନ୍ତି ଥାନା ଅଧିକାରୀ ସୁଚିତ୍ରା ପରିଡ଼ା। ତେବେ ବ୍ୟବଚ୍ଛେଦ ସମୟରେ ସେଭଳି କୌଣସି ଲକ୍ଷଣ ବା ସୁରାକ ମିଳିପାରି ନାହିଁ ଯେଉଁଥିରୁ ଏହା ଏକ ହତ୍ୟାକାଣ୍ଡ ବୋଲି କୁହାଯାଇପାରିବ। ଏଭଳି ସ୍ଥିତିରେ ପୁଲିସ କିଭଳି ତଦନ୍ତକୁ ଆଗେଇ ନେବ ତାହା ବଡ଼ ପ୍ରଶ୍ନ। ଅନ୍ୟକେଉଁଠି ହତ୍ୟା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏଠାରେ ଫୋପାଡି ଦିଆଯାଇଥିବା ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଇଥିବା ବେଳେ ଅଧିକ କିଛି ତଥ୍ୟ ପୁଲିସ ହାତରେ ଲାଗିନାହିଁ।

ନିକଟରେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଚିଲିକା ମଝିରେ ଜଣକୁ ହାତଗୋଡ଼ ବାନ୍ଧି ଫୋପାଡି ଦିଆଯାଇଥିଲା। ବର୍ତ୍ତମାନ ସୁଦ୍ଧା ଉକ୍ତ ମୃତବ୍ୟକ୍ତିର ପରିଚୟ ସ୍ପଷ୍ଟ ହୋଇପାରିନାହିଁ। ପୂର୍ବରୁ ସ୍ଥାନୀୟ ଅଶୋକନଗରର ଜଣେ ଯୁବକ ନିଖୋଜ ଥିବାବେଳେ ତାଙ୍କର ଖୋଜ ଖବର ଏପର୍ଯ୍ୟନ୍ତ ମିଳୁନାହିଁ। ସେହିଭଳି ଗୋଳନ୍ଥରା ଥାନା ଅନ୍ତର୍ଗତ ଟାମଣା ଜଙ୍ଗଲରେ ଜଣେ ଯୁବତୀଙ୍କୁ ହତ୍ୟା କରି ପୋଡ଼ି ଦିଆଯାଇଥିଲା ଏବଂ ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ହତ୍ୟା କରି ଜଣେ ଯୁବକଙ୍କୁ ଫୋପାଡି ଦିଆଯାଇଥିଲା। ଉଭୟ ଘଟଣାରେ ମୃତକଙ୍କ ପରିଚୟ ପୁଲିସକୁ ମିଳିପାରିନଥିବା ବେଳେ ହତ୍ୟାର କାରଣ କିମ୍ବା ଅଭିଯୁକ୍ତଙ୍କ ସମ୍ପର୍କରେ ମଧ୍ୟ ପୁଲିସ ଟେର୍ ପାଉନାହିଁ। ବର୍ତ୍ତମାନ ଉପରୋକ୍ତ ସମସ୍ତ ଘଟଣାରେ ମୃତକଙ୍କ ପରିଚୟ ଜାଣିବା ପୁଲିସ ପାଇଁ ଚାଲେଞ୍ଜ ସହ ଚିନ୍ତା ବଢାଇଛି।

■ ବହୁ ହତ୍ୟା ଘଟଣାରେ ମୃତକଙ୍କ ପରିଚୟ ପାଉନି ପୁଲିସ
■ ୪ରୁ ଊର୍ଦ୍ଧ୍ୱ ଶବ ଜବତ ଘଟଣାରେ ପୁଲିସ ହାତ ଖାଲି

ଅନ୍ୟପକ୍ଷରେ ଏଭଳି ମୃତଦେହ ଜବତ ପରେ ମଧ୍ୟ ଥାନାରେ କୌଣସି ଅଭିଯୋଗ ନହେବା ଓ ପରିଚିୟ ସ୍ପଷ୍ଟ ନହେଲେ ପୁଲିସ ମଧ୍ୟ ଏଭଳି ଘଟଣାକୁ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି। ଏଭଳି ଅନେକ ଘଟଣାର ତଦନ୍ତ ଶିଥିଳ ପଡ଼ି ଅନେକ ମାମଲାରେ ଫାଇଲ ବନ୍ଦ ହୋଇଯାଇଥିବା ଜଣାପଡିଛି।

# ଗଞ୍ଜାମ ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘର ବାର୍ଷିକ ବୈଠକ




ବ୍ରହ୍ମପୁର,୨୭ ।୭(ସମିସ): ହାତିବନ୍ଧ ସାହି ନିକଟସ୍ଥ ଏକ କଲ୍ୟାଣମଣ୍ଡପରେ ରବିବାର ଗଞ୍ଜାମ ଜିଲ୍ଲା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘର ବାର୍ଷିକ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂଘର କାର୍ଯକାରୀ ସଦସ୍ୟ ଆମ୍ଲେନ୍ଦୁ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସଭାପତି ଶିବ ସେଠୀ ଅତିଥି ପରିଚୟ ପ୍ରଦାନ ଓ ଉପସଭାପତି ସଦାଶିବ ପ୍ରଧାନ ବାର୍ଷିକ ଆୟବ୍ୟୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ସଭାପତି ଦୀପକ ରାଉଳ ଯୋଗଦେଇ ଶିକ୍ଷକଙ୍କ ସମସ୍ୟ ନେଇ ଆଲୋଚନା କରିଥିଲେ। ବୈଠକରେ ଗଞ୍ଜାମ ଜିଲ୍ଲା ସଂଘର ନୂତନ କାର୍ଯକାରୀ ସଦସ୍ୟଙ୍କୁ ନିର୍ବାଚିତ କରାଯାଇଥିଲା। ଜିଲ୍ଲା ସଭାପତି ଭାବେ ଶିବ ପ୍ରସାଦ ପ୍ରଧାନ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଗୌଡ଼, ଉପ ସଭାପତି ସୁନିଲ କୁମାର ପରିଡ଼ା, ରିତାଞ୍ଜଳି ଶତପଥୀ, ଯୁଗ୍ମ ସମ୍ପାଦକ ଏସ. ସତ୍ୟେଶୁ କୁମାର୍ ଆଚାରୀ, ଲିଲି ଜେନା, କୋଷାଧ୍ୟକ୍ଷ ଅନାମ ବେହେରା, ସହ କୋଷାଧ୍ୟକ୍ଷ ରୁପେ ଗୀତିକା କୁମାରୀ, ମିଡ଼ିଆ ପ୍ରଭାରୀ ଭାବେ ଅରୁଣ କୁମାର ପଟ୍ଟନାୟକ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ସମସ୍ତ ନିର୍ବାଚିତ ସଦସ୍ୟଙ୍କୁ ପୂର୍ବତନ ପ୍ରତିନିଧି ଓ ଅତିଥିମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥଲେ। ଶେଷରେ ଜଗଦୀଶ ମୁନି ସଂଘର ସବିଶେଷ ତଥ୍ୟ ପ୍ରଦାନ କରିଥିବା ବେଳେ ସଂଗ୍ରାମ ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଫ୍ରେଣ୍ଡସ୍ ହେଲ୍‌ପିଂ କ୍ଲବ୍ ପକ୍ଷରୁ ମାଗଣା ଟିକା ପ୍ରଦାନ

ବ୍ରହ୍ମପୁର,୨୭ ।୭(ସମିସ): ଫ୍ରେଣ୍ଡସ ହେଲପିଂ କ୍ଲବ ଆନୁକୂଲ୍ୟରେ ସର୍ବାଇକଲ କ୍ୟାନ୍ସର ବା ଗର୍ଭାଶୟ ଗ୍ରୀବା କର୍କଟ ରୋଗର ପ୍ରତିଷେଧକ ଟିକାର ଦ୍ୱିତୀୟ ଡୋଜ୍ ପ୍ରଦାନ କରାଯାଇଛି। କ୍ଲବର ସଭାପତି ସତ୍ୟକାମ ପାତ୍ର, ସମ୍ପାଦକ ଏମ୍. ପ୍ରବୀଣ, ପ୍ରକଳ୍ପ ଅଧକ୍ଷ ଏଏସ୍‌ଏନ୍ ଗୁପ୍ତାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଟିକା ୯ ବର୍ଷରୁ ୨୬ବର୍ଷର ବୟସର ୧୪୧ଜଣ ଯୁବତୀ ଓ ମହିଳାମାନଙ୍କୁ ନିଃଶୁଳ୍କ ପ୍ରଦାନ କରାଯାଇଛି। ଡା. ଟି.ପ୍ରକାଶ ରାଓ, ଡା. ଇପାରି ନାରାୟଣ ରାଓ, ଡା. ଜେ. ସୋମେଶ୍ୱର ରାଓ, ଡା. ଜେ.ବାଣୀଶ୍ରୀ, ଡା. ସରୋଜ କୁମାର ବର୍ମା, ଡା.ଜେ. ନାରାୟଣ ରାଓ, ଡା. ୟୁ. ଶ୍ରୀଧର ମୂର୍ତ୍ତି, ଡା. ରୋଶନ କୁମାର ଟିକା ପ୍ରଦାନ କରିଥିଲେ। ଗର୍ଭାଶୟ କର୍କଟ ଏକ ମାରାତ୍ମକ ଅଟେ ଏହାର କୌଣସି ଟିକା ନଥିବାରୁ ବହୁ ଲୋକ ମୃତ୍ୟୁ ମୁଖରେ ପଡୁଥିଲେ। ଟିକାର ଉଦ୍‌ଭାବନ ପରେ ଏହାର ନିୟନ୍ତ୍ରଣ କରିବା ସହଜ ହୋଇଯାଇଛି। ସର୍ବାଇକାଲ କର୍କଟରୁ ରକ୍ଷା ପାଇବାକୁ ଏହି



ଟିକା ଦେବା ନିହାତି ଆବଶ୍ୟକ ବୋଲି ଡ଼ାକ୍ତରମାନେ କହିଛନ୍ତି। ଆସନ୍ତା ନଭେମ୍ବର ୭ରେ ଏକ ବଡ଼ଧରଣର ସେମିନାର କରାଯିବ ଓ ନଭେମ୍ବର ୨୭ରେ ଏହି ଟିକାର ତୃତୀୟ ଡୋଜ୍ ଦିଆଯିବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ଏହା ସହ ମହିଳା ଓ ଯୁବତୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ଆବଶ୍ୟକ ରହିଥିବା ବିଭିନ୍ନ ପନ୍ଥା ଆପଣାଇବାକୁ ଡା. ଟି. ପ୍ରକାଶ ରାଓ ବୁଝାଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ଏମ୍. ବିଦ୍ୟାସଗାର, ବସନ୍ତ କୁମାର ସାହୁ, କେ. ପୁରୁଷୋତ୍ତମ କୁମାର ସୁବୁଦ୍ଧି, ଜମ୍ମୁଲା ସୁରେଶ, ପି. ଶ୍ରୀନିବାଶ ରାଓ, ଇପାରି ରଘୁନାଥମ ଓ ଏ. ରାମଚନ୍ଦ୍ର ରାଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ରାମହରିନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ବ୍ରହ୍ମପୁର,୨୭ ।୭(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରାମହରି ନଗର ଆନୁକୂଲ୍ୟରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଗଣିତ ଓ ବିଜ୍ଞାନ ବିଷୟରେ ପ୍ରୟୋଗ, ପ୍ରକଳ୍ପ, ଚିତ୍ରାଙ୍କନ, ପ୍ରଶ୍ନମଞ୍ଚ, ସଂସ୍କୃତି ଜ୍ଞାନ ଆଦି ପ୍ରତିଯୋଗିତା ମାନ ଆୟୋଜିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ୫ଶହରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ମମତା ପାଣିଗ୍ରାହୀଙ୍କ ଅଧକ୍ଷତାରେ ପ୍ରଧାନ ଆଚାର୍ଯ୍ୟ ପ୍ରସାଦ ଦାଶ ମଞ୍ଚ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପ୍ରଦ୍ୟୁତ କୁମର ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ସଂକୁଳସ୍ତରୀୟ ପ୍ରତିଯୋଗିତାକୁ ଯିବାକୁ ଯୋଗ୍ୟତା ହାସଲ କରିଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଛି।

## ୬୪ତମ ସିନିଅର ପୁରୁଷ 'ସାହାଣୀ କପ୍' ଫୁଟବଲ ଚାମ୍ପିଅନ୍‌ସିପ୍

# କୋରାପୁଟକୁ ହରାଇ ଫାଇନାଲ୍‌ରେ ସମ୍ବଲପୁର





ବ୍ରହ୍ମପୁର,୨୭ ।୭(ସମିସ)

୬୪ତମ ସିନିଅର ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟ 'ସାହାଣୀ କପ୍'-୨୦୨୫ର ଦ୍ୱିତୀୟ ସେମିଫାଇନାଲରେ କୋରାପୁଟକୁ ହରାଇ ସମ୍ବଲପୁର ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ସେହିଭଳି କେନ୍ଦ୍ରାପଡ଼ା ରାଜକନିକା ଜୋନ୍‌ରେ ଶନିବାର ଅନୁଷ୍ଠିତ ସେମିଫାଇନାଲରେ ସୁନ୍ଦରଗଡ଼କୁ ପରାସ୍ତ କରି କଟକ ପ୍ରଥମ ଦଳ ଭାବେ ଫାଇନାଲ୍‌ରେ ପୂର୍ବରୁ ପ୍ରବେଶ କରିସାରିଛି।

ରବିବାର ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍‌ରେ କୋରାପୁଟ ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସଂଘର୍ଷପୂର୍ଣ୍ଣ ଥିଲା। ମ୍ୟାଚର ପ୍ରଥମାର୍ଦ୍ଧର ମାତ୍ର ୭ମିନିଟରେ କୋରାପୁଟ ଦଳ ପକ୍ଷରୁ ଅମୋସ ଭତ୍ରା ପ୍ରଥମ ଗୋଲ କରିଥିଲେ। ଦ୍ୱିତୀୟାର୍ଦ୍ଧର ୫୬ମିନିଟରେ ସମ୍ବଲପୁର ଦଳ ପକ୍ଷରୁ ନିର୍ମଳ ଓରାମ ଏକ ଚମତ୍କାର ଗୋଲ କରି ମ୍ୟାଚକୁ ବରାବର କରିବାରେ ସକ୍ଷମ ହୋଇଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ (୧-୧) ଗୋଲରେ ଖେଳ ଶେଷ ହେବାରୁ ପେନାଲ୍‌ଟି ସୁଟ୍‌ଆଉଟର ସାହାଯ୍ୟ ନିଆଯାଇଥିଲା। ଏଥିରେ ସମ୍ବଲପୁର ଦଳ ପ୍ରତିପକ୍ଷ କୋରାପୁଟକୁ ୫-୪ ଗୋଲରେ ପରାସ୍ତ କରିଥିଲା। ଫଳରେ ଟୁର୍ଣ୍ଣାମେଣ୍ଟର ଫାଇନାଲକୁ କଟକ ଏବଂ ସମ୍ବଲପୁର ଦଳ ଉନ୍ନୀତ ହୋଇଛନ୍ତି।

ବ୍ରହ୍ମପୁରଠାରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ରେଫେରୀ ଭାବେ ଶିବଶଙ୍କର ପଣ୍ଡା, ସୁବ୍ରତ କୁମାର ପୁରୋହିତ, ଜ୍ୟୋତି ରଂଜନ ସ୍ୱାଇଁ ଓ ସାଖ୍ୱାତ ଅଲ୍ଲୀ ଖାନ ପରିଚାଳନା କରିଥିଲେ। ସୁଜିତ କୁମାର ପାତ୍ର ମ୍ୟାଚ କମିସନର ଦାୟିତ୍ୱ ତୁଲାଇଥିଲେ। ରବିବାର ଅନୁଷ୍ଠିତ ମ୍ୟାଚରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସେଣ୍ଟ ଜାଭିଅର ସ୍କୁଲର ଅଧକ୍ଷ ଡଃ ଜି.ଏସ. ପଣ୍ଡା ଏବଂ ବିଧାୟକଙ୍କ ପ୍ରତିନିଧି ତଥା ବରିଷ୍ଠ ଆଇନଜୀବୀ ଅଶୋକ କୁମାର ଶୁକ୍ଳା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଫୁଟବଲ ସଂଘର ସିଇଓ ସନ୍ତୋଷ ମାର୍ଥା, ଉପସଭାପତି ବିଶ୍ୱରଂଜନ ଘଡେଇ, ସଦସ୍ୟ ନବ କିଶୋର ମିଶ୍ର ଏବଂ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଓଡିଶା କ୍ରିକେଟ ସଂଘର ସଦସ୍ୟ ସୁବାଶିଷ ବେହେରା ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ଦୁଇଟି ଫାଇନାଲ ମ୍ୟାଚ ଖେଳାଯିବାକୁ ଥିବା ବେଳେ ଅଗଷ୍ଟ ପହିଲାରେ ବୌଦ୍ଧରେ ପ୍ରଥମ ଫାଇନାଲ ଏବଂ ଅଗଷ୍ଟ ୩ତାରିଖରେ କେନ୍ଦୁଝର ଠାରେ ଦ୍ୱିତୀୟ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

# ଛିଦ୍ରମୟ ଅସ୍ଥି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବ୍ରହ୍ମପୁର,୨୭ ।୭(ସମିସ): ଲିଙ୍ଗରାଜନଗରସ୍ଥିତବାସଭବନରେରବିବାରପଦ୍ମଶ୍ରୀଡା. କୃଷ୍ଣ ମୋହନ ପାଠୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଓଷ୍ଟିଓପୋରୋସିସ (ଛିଦ୍ରମୟ ଅସ୍ଥି) ସ୍ୱାସ୍ଥ୍ୟ ପରୀକ୍ଷା ତଥା ଇଉରିକ୍ ଏସିଡ, ସ୍ନାୟୁରୋଗ ସମ୍ପର୍କିତ ଆଦି ପରୀକ୍ଷା କରାଯିବା ସହ ଉପଯୁକ୍ତ ଡାକ୍ତରୀ ପରାମର୍ଶ ଉପଲବ୍ଧ କରାଯାଇଥିଲା। ଅତିଥି ଭାବେ ବିଜେପି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ ଯୋଗଦେଇ ଶିବିରର ଉଦ୍‌ଘାଟନ କରିବା ସହ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଲାୟନ୍ସ କ୍ଲବ ଅଫ ବ୍ରହ୍ମପୁର ଟେକ୍ନୋର ସଭାପତି ତଥା କ୍ଷୁଦ୍ର ଜଳସେଚନ ବିଭାଗର ପ୍ରାକ୍ତନ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇଂ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଦମ୍ପତି ଏହି ଶିବିରରେ ଯୋଗଦାନ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସେହିପରି ବ୍ରହ୍ମପୁର ସମେତ ବିଭିନ୍ନ ଅଞ୍ଚଳର ଅନେକ ବ୍ୟକ୍ତି ସେମାନଙ୍କ ପରିବାରର ସଦସ୍ୟଙ୍କ ସହ ଶିବିରରେ ଯୋଗଦାନ କରି ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରି ଡା. ପାଠୀଙ୍କ ଠାରୁ ଡାକ୍ତରୀ ପରାମର୍ଶ ନେଇଥିଲେ। ସମାଜସେବୀ ଇଂ. ବିଭୂ ପ୍ରସାଦ ପାଠୀ ଏହି ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେଶ ଚନ୍ଦ୍ର ପାଠୀ, ଆଇନଜୀବୀ ଇଂ. ବିଜୟ ଚନ୍ଦ୍ର ମିଶ୍ର, ରମେଶ ଚନ୍ଦ୍ର ପାଣିଗ୍ରାହୀ, ମନୋଜ କୁମାର ପାଣିଗ୍ରାହୀ, ବଂଶୀଧର ସେଠୀ ଓ ଏ. ରାଜା ରାଓ ପ୍ରମୁଖ ଉପସ୍ଥିତ ଥିଲେ।



### ଲଗାଣ ବର୍ଷା ପରେ ଧାନରୁଆ ଆରମ୍ଭ

# ଚଳିତ ବର୍ଷ ଟାର୍ଗେଟ୍‌ରୁ କମିବ ଅମଳ

କୋଦଳା,୨୭।୭(ସମିସ)

ଲଘୁଚାପ ଜନିତ ବର୍ଷା ଯୋଗୁ ଚାଷୀ ଆନନ୍ଦିତ ହୋଇ ତଳି ଉପୁଡ଼ା ସାଙ୍ଗକୁ ଧାନ ରୁଆ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ନେଉଛି। କୋଦଳା ଏନ୍‌ଏସି ଓ ବେଗୁନିଆପଡା ବ୍ଲକରେ ମୋଟ ୧୦ହଜାର ୬ଶହ ହେକ୍ଟର ଜମିରେ ଧାନଚାଷ ଆଗରୁ ହେଉଥିବା ବେଳେ ଚଳିତବର୍ଷ ମୋଟ ୯ହଜାର ୩୩୫ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ୧୨୬୫ ହେକ୍ଟର ଜମିରେ ଧାନ ଚାଷ ହୋଇପାରି ନାହିଁ। ୧୦୦୦ ହେକ୍ଟର ଜମିରେ ଅଣଧାନ ଚାଷ କରିବାକୁ କୃଷି ବିଭାଗ ଲକ୍ଷ୍ୟ ରଖିଛି। ବ୍ଲକ ଓ ଏନ୍‌ଏସିର ଖାଲୁଆ ଜମିରେ ବର୍ତ୍ତମାନ ପାଣି ଜମି ରହିଥିବା ବେଳେ ଢ଼େପ ଜମିରେ ପାଣି ରହୁନି। ଫଳରେ ଏହି ଜମିଗୁଡିକ ଅଧିକ ବର୍ଷା ଜଳ ଆବଶ୍ୟକ କରୁଛି। କୋଦଳା ଏନ୍‌ଏସି ସମେତ ବ୍ଲକର ତାଳସର, ବଡ ଖଇରଖମା, ଅଙ୍ଗାର ଗାଁ, ସୁମଣ୍ଡଳ, ଚିଙ୍ଗୁଡ଼ି ଖୋଲ, ଚନ୍ଦନପୁର, କେ ବରିଡା, ମର୍ଦ୍ଦକୋଟ, ମର୍ଦ୍ଦମେଖ, ସାନ ଉସ୍ତାପଡା, ବେରୁହାଁବାଡ଼ି, ଫାଶୀ, ଦିଗାପଡ଼ା, ବେଗୁନିଆପଡା, ସଂକୁଡା, ଷଣ୍ଢମୂଳ, ଖଣ୍ଡିଆନଇ, ଘୋଡାପଡ଼ା, ମଠସରସିଂ, ଏସ୍ ଛଟିନା, କାଳୀମେଘି, କୁମ୍ଭାର ଗାଁର ୬୦ ପ୍ରତିଶତ ଜମି ଖାଲ ଅଞ୍ଚଳରେ ଥିବାବେଳେ ଆଉ ୪୦ ପ୍ରତିଶତ ଜମି ଢ଼େପରେ ରହିଛି। କୋଦଳା ଗୌରଦେଇପୁର ଓ କୋଦଳା ହଜ ପାଣିରେ କୋଦଳାର ଅଧିକାଂଶ ଜମି ପାଣି ଘେରରେ ରହି ଧାନ ଫସଲ ନଷ୍ଟ ହେଉଛି। ଏହା ସହିତ ବଡ ଖଇରଖମା ପଞ୍ଚାୟତର ଅଳ୍ପ ଜମି ଏହି ନଦୀର ତଟ ଦେଶରେ ଥିବା ଯୋଗୁ ବଢ଼ିରେ ଧାନ ଫସଲ କ୍ଷତିଗ୍ରସ୍ତ ହେଉଛି।



ଶାଳିଆ କେନାଲରେ ଆସୁଥିବା ପାଣି ଏସ୍ ଛଟିନା ପର୍ଯ୍ୟନ୍ତ ଆସୁଥିବା ବେଳେ କେ. ବରିଡା ଚାଷୀଙ୍କ ପାଇଁ ଆସୁଥିବା ଶାଳିଆ କେନାଲ ପାଣି ରାସ୍ତାରେ ହିଁ ସରିଯାଉଛି। ଫଳରେ ଜମିରେ ପହଞ୍ଚିବା ସମ୍ଭବ ହୋଇପାରୁନି। ଆଜି ସୁଦ୍ଧା ବ୍ଲକର ୨୨ଟି ସେବା ସମବାୟ ସମିତି ଓ ୧୨ ଜଣ ଡିଲରଙ୍କୁ ମିଶାଇ ମୋଟ ୩୪ ଜଣଙ୍କ ଦ୍ୱାରା ଧାନ ବିହନ ବିକ୍ରି ପାଇଁ ବିଭାଗ ବିହନ ଯୋଗାଣ କରିଛି। ଚଳିତ ବର୍ଷ ଏମ୍‌ଟିୟୁ-୭୦୨୯, ୧୨୨୪, ୧୨୩୯, ୧୩୧୮, ୧୦୬୧, ୧୯୭୫, ୧୨୬୨, ୧୦୬୪ ପୂଜା, ଆରଜିଏଲ, ସ୍ୱର୍ଣ୍ଣସୁବର୍ଣ୍ଣ, ସାରଳା ପ୍ରଭୃତି କିଶମର ବିହନ ଆସିଥିବା ବିଭାଗ କହିଛି। ବ୍ଲକରେ ଗତଥର ଭଲ ଧାନ ଅମଳ ହୋଇଥିବା ବେଳେ ଚଳିତ ବର୍ଷ କମ୍ ଜମିରେ ଚାଷ ହୋଇଥିବାରୁ ଯଦିଓ ଅମଳ କମିବ ତଥାପି ଉନ୍ନତମାନର କିସମର ଧାନ ଚାଷ ଅମଳକୁ ବଢ଼ାଇପାରେ ବୋଲି ଚାଷୀ ଆଶା ବାନ୍ଧିଛି। ଚାଷୀଙ୍କ କହିବା କଥା ବର୍ତ୍ତମାନ ପର୍ଯ୍ୟନ୍ତ ଠିକ୍‌ଠାକ ଚାଷ ଚାଲିଛି ଆଗକୁ ଭଗବାନ ଭରଷା।

## ପିଏମ୍ ସୂର୍ଯ୍ୟଘର ସଚେତନତା କାର୍ଯ୍ୟକ୍ରମ



ଛତ୍ରପୁର,୨୭।୭(ସମିସ): ପିଏମ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଛତ୍ରପୁର ସ୍ଥିତ ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତି ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଛତ୍ରପୁର ଏନ୍‌ଏସିର ୧୦ନଂ. ୱାର୍ଡ କାଉନ୍‌ସିଲର ଦେବାଶିଷ ମିଶ୍ର, ୟୁଥ୍‌ମାସ ସେବା ସଂଘ ସମ୍ପାଦକ ସୟଦ ମୁକ୍ତାର, ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ. ରାଜେନ୍ଦ୍ର କୁମାର ଦାଶ, ଆଇନଜୀବୀ ପ୍ରଶାନ୍ତ କୁମାର ଶତପଥି, ଠିକାଦାର ବଇଁଶୀ ସାହୁ ପ୍ରମୁଖ ଯୋଗଦେଇ ପରିବେଶ ବଞ୍ଚାଇବାରେ ଏହି ଯୋଜନାରେ ପ୍ରମୁଖ ଭୂମିକା ରହିଥିବା କହିଥିଲେ। ସବସିଡ଼ି ବିଷୟରେ ସ୍ୱୀକୃତିପ୍ରାପ୍ତ ଭେଣ୍ଡର ଜୟପ୍ରଭା ଇଲେକ୍ଟ୍ରିକାଲ ଏଣ୍ଡ ଇଞ୍ଜିନିୟରର ସଂସ୍ଥାର ଅବିନାଶ ପରିଡା ଉପସ୍ଥିତ ଉପଭୋକ୍ତାଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଆଇନଜୀବୀ ପ୍ରଶାନ୍ତ କୁମାର ଶତପଥୀ ସଂଯୋଜନା କରିଥିବା ବେଳେ ସୟଦ ମୁକ୍ତାର ଧନ୍ୟବାଦ ଅର୍ପଣ କରିଥିଲେ।

## ସତ୍ୟସାଇ ସଂଗଠନର ସିପିଆର୍ ତାଲିମ୍ ଶିବିର



ଫୁଲବାଣୀ,୨୭।୭(ସମିସ): ଫୁଲବାଣୀ ସହରର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସରକାରୀ ନର୍ସିଂ ମହାବିଦ୍ୟାଳୟରେ ଶ୍ରୀ ସତ୍ୟସାଇ ସଙ୍ଗଠନର ତାଲିମପ୍ରାପ୍ତ ସିପିଆର୍ ଟ୍ରେନରଙ୍କ ଦ୍ୱାରା ତାଲିମ୍ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ, ଯୁବକ, ଯୁବତୀଙ୍କୁ ସିପିଆର୍ ମାଧ୍ୟମରେ ମଣିଷକୁ କିପରି ମୃତ୍ୟୁମୁଖରୁ ରକ୍ଷା କରିହେବ କୌଶଳ ବିଷୟରେ ତାଲିମ ଦିଆଯାଇଛି। ପବ୍ଲିକ ସ୍କୁଲ, ସରକାରୀ ନର୍ସିଂ ମହାବିଦ୍ୟାଳୟ, କାର୍ମେଲ ସ୍କୁଲ, ସରକାରୀ ମହାବିଦ୍ୟାଳୟ ଛାତ୍ରୀନିବାସ ଓ ନବୋଦୟ ବିଦ୍ୟାଳୟରେ ଆୟୋଜିତ ଏହି ତାଲିମରେ ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। କାହାର ତତ୍‌କ୍ଷାଳ ହୃଦଘାତ ହେଲେ କ'ଣ କରିବାକୁ ହୁଏ, ତାହା ଶିକ୍ଷା ଦେବା ଏହି ତାଲିମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ସତ୍ୟସାଇ ସେବା ସଂଗଠନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ପୁଲିସର ମୁଣ୍ଡବିନ୍ଧା ବଢ଼ାଉଛି ଦୁର୍ଦ୍ଧାନ୍ତ କୁନା

ବ୍ରହ୍ମପୁର,୨୭।୭(ସମିସ): ପୁଲିସ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି ଦୁର୍ଦ୍ଧାନ୍ତ ଅପରାଧୀ କୁନା ବେହେରା। ପୁଲିସ ସ୍କାନରରେ ଥିବା କୁନାକୁ ଧରିବା ବର୍ତ୍ତମାନ ବ୍ରହ୍ମପୁର ପୁଲିସ ପାଇଁ ବଡ଼ ଚାଲେଞ୍ଜ ହୋଇଛି। ଏଥିପାଇଁ ବ୍ରହ୍ମପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ହେଲେ କୁନା ନିକଟରେ ଏହି ସୂଚନା ପହଞ୍ଚିସାରିଛି। ଖୋର୍ଦ୍ଧା ଜେଲରୁ ମୁକୁଳିବା ପରେ କୁନାକୁ ଧରିବା ନେଇ ପୁଲିସ ଯୋଜନା କରିଥିଲେ ହେଁ ବିଫଳ ହୋଇଥିଲା। ଗିରଫଦାରୀକୁ ଏଡ଼ାଇବାକୁ ଯାଇ ନିୟମିତ ବ୍ୟବଧାନରେ କୁନା ନିଜର ଠିକଣା ବଦଳାଇ ଚାଲିଛି। କୁନାକୁ କାବୁ କରିବାକୁ ଗୋଳନ୍ଥରା, ଦିଗପହଣ୍ଡି, କେ. ନୁଆଗାଁ, ଜରଡା ଓ ରିଜର୍ଭର କିଛି ବଛାବଛା ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଗଠିତ ଟିମ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି।

କୁନା ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ପୁଲିସ ଯେଭଳି ଖବରୀଙ୍କୁ ନିୟୋଜିତ କରିଛି ଠିକ ସେହିଭଳି ପୁଲିସର ଗତିବିଧି ଜାଣିବା ପାଇଁ କୁନା ମଧ୍ୟ ନିଜର ସହଯୋଗୀ ତଥା ଅନୁଗତଙ୍କୁ ବିଭିନ୍ନ ସ୍ଥାନରେ ନିୟୋଜିତ କରିଥିବା ଜଣାପଡିଛି। ଦୁର୍ଦ୍ଧାନ୍ତ କୁନା ନାମରେ ଗୋଳନ୍ଥରା ଥାନାରେ ହତ୍ୟା, ଦାଦାବଟି ଆଦାୟ, ହତ୍ୟା ଉଦ୍ୟମ, ଗଞ୍ଜେଇ ଚୋରା ଚାଲାଣ ଓ ପୁଲିସ ଉପରକୁ ଗୁଳିମାଡ ଭଳି ୨୬ଟି ସଂଗୀନ ମାମଲା ରହିଛି। ଦୀର୍ଘ ୫ବର୍ଷ ଧରି କୁନା ପୁଲିସକୁ ଚକ୍‌ମା ଦେଇ ଫେରାର ଥିଲା। ଶେଷରେ ୨୦୨୩ ଜୁଲାଇରେ ଡକାୟତି ମାମଲାରେ କୁନା ବାଣପୁର କୋର୍ଟରେ ଆତ୍ମସମର୍ପଣ କରିଥିଲା। ପ୍ରକାଶ ଥାଉକି, ୨୦୧୯ରୁ କୁନା ଫେରାର ଥିବାବେଳେ ୨୦୨୧ମସିହା ଅକ୍ଟୋବର ୮ ଭୋର୍ ୫ଟାରେ ଦିଗପହଣ୍ଡି ଚଢେୟାଗଢ ଗ୍ରାମ ନିକଟ ଜଙ୍ଗଲ ଭିତରେ ଚଢଉ କରି କୁନା ବେହେରା ଆଡ୍ଡାରେ ପହଞ୍ଚିଥିଲା ପୁଲିସ ଟିମ। କୁନା ପୁଲିସ ଉପରକୁ ବୋମା ମାଡ଼ ଓ ଗୁଳିଚାଳନା କରି କେରାଣ୍ଡିମାଳ ଜଙ୍ଗଲ ଭିତରକୁ ଖସି ପଳାଇଥିଲା। କୁନା ଜଙ୍ଗଲରେ ରହି କେ.ନୂଆଗାଁ, ଗୋଳନ୍ଥରା ଥାନା ଓ ଦିଗପହଣ୍ଡି ଥାନା ଅଞ୍ଚଳରେ ନିଜର ପତିଆରା ଜାହିର କରୁଥିଲା। ୨୦୨୨ ଏପ୍ରିଲ ୪ ରାତିରେ କୁନାକୁ ଧରିବାକୁ ଗୋଳନ୍ଥରା ଥାନା ପୁଲିସ ଚଢ଼ଉ କରିଥିବାବେଳେ ପୁଲିସକୁ ଦେଖି କୁନା ଫାଙ୍କା ଗୁଳିଚାଳନା କରି ଖସିପଳାଇଥିଲା। କିଛିମାସ ପରେ ଟାମଣା ଜଙ୍ଗଲ ଘଟକେଶ୍ୱର ମନ୍ଦିର ନିକଟରେ ସମ୍ବର ସିଙ୍ଘ ବିକ୍ରି ପାଇଁ ଡିଲ୍ ବେଳେ ଗୋଳନ୍ଥରା ପୁଲିସ ଅତର୍କିତ ଚଢ଼ଉ କରିଥିଲା। ତେବେ କୁନା ଓ ତାର ସହଯୋଗୀମାନେ ସେଠାରୁ ବି ଚମ୍ପଟ ମାରିଥିଲେ। ପରେ କୁନା ବାଣପୁର କୋର୍ଟରେ ଆତ୍ମସମର୍ପଣ କରିଥିଲା। ପୂର୍ବରୁ ଏକ ଦାଦାବଟି ମାମଲାରେ ସମ୍ପୃକ୍ତ ଥିବା କୁନାଙ୍କ ସ୍ତ୍ରୀ ସୁନିତା ୨୦୨୩ ଜୁନ୍‌ରେ ବ୍ରହ୍ମପୁର ଜେଏମ୍‌ଏଫସି କୋର୍ଟରେ ଆତ୍ମସମର୍ପଣ କରିଥିଲେ।

> ଏକାଧିକ ମାମଲାରେ ଜଡ଼ିତ ଥିଲେ ବି କାବୁ କରିପାରୁନି ପୁଲିସ

ପ୍ରକାଶ ଥାଉକି ଗତବର୍ଷ ଜାନୁଆରୀରେ କୁନାର ୪ ସହଯୋଗୀ ଯଥା ସିଙ୍ଗାବାଡ଼ିର ପୂର୍ଣ୍ଣ ଗୌଡ ଓରଫ୍ ଚିଆଁ, ମେଦିନୀପୁରର ଶଙ୍କର ପ୍ରଧାନ, ଦିଗପହଣ୍ଡି ଥାନା ଅନ୍ତର୍ଗତ ବେତଝରିର ଭାଲିଆ ମଲ୍ଲିକ ଓରଫ ଅଭି ଏବଂ କହ୍ନେଇପୁରର ବୃନ୍ଦାବନ ମଲ୍ଲିକଙ୍କୁ ଗିରଫ କରିଥିଲା। ଗିରଫ ୪ଜଣଙ୍କ ଠାରୁ ପୁଲିସ ୨ଟି ହରିଣ ସିଙ୍ଘ, ୨ଟି ଦେଶୀ ବନ୍ଧୁକ, ସହ ବିପୁଳ ପରିମାଣର ଗୁଳି ଜବତ କରିଥିଲା। ଦୁର୍ଦ୍ଧାନ୍ତ କୁନାକୁ ଧରିବା ପାଇଁ ବ୍ରହ୍ମପୁର ପୁଲିସର ଯୋଜନା କେତେଦୂର ସଫଳ ହେଉଛି ଅଥବା କୁନା ପୁଣି ପୁଲିସକୁ ଚମକମା ଦେବାରେ ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା।

## କଲମିଯୁକ୍ତ ବାଇଗଣ ଚାଷ କରି ସ୍ୱାବଲମ୍ବୀ ମହିଳା



କ୍ଷେତ୍ର ପରିଦର୍ଶନ କଲେ ପଦାଧିକାରୀ

ହୁମ୍ମା,୨୭।୭(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟା ପଞ୍ଚାୟତର ଶତ୍ରୁସୋଲ ଗ୍ରାମର ସଙ୍ଗୀତା ପ୍ରଧାନଙ୍କ ଚାଷ ଜମିରେ କଲମିଯୁକ୍ତ ବାଇଗଣ ଚାଷ ଉପରେ ଏକ ସଫଳ କ୍ଷେତ୍ର ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବୈଷୟିକ ଭାବରେ ସହାୟତା କରାଯାଇଥିଲା, ପ୍ରଦାନ-ଏନଏସଓ, ଗଞ୍ଜାମର ଜିଲ୍ଲା ସଂଯୋଜକ ରୁଦ୍ର ଆଶିଷ ବେହେରା ପ୍ରଦର୍ଶନର ନେତୃତ୍ୱ ନେଇଥିଲେ। ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନଙ୍କ ଉପସ୍ଥିତରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିପିଏମ୍ ଶ୍ରୀ ମହାରଣା, ଓଏଲଏମ୍ ଭାନୁଲତା ଜେନାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ବ୍ଲକର ଅନ୍ୟାନ୍ୟ ଅଂଶରେ ଏହାର ପ୍ରତିକୃତିକୁ ବିଭାଗୀୟ ଅଧିକାରୀ ମାନେ ଉତ୍ସାହିତ କରିଥିଲେ। ବ୍ଲକ ଗୋଷ୍ଠୀ ଅଧିକାରୀ ଅଚ୍ୟୁତାନନ୍ଦ ଜାନି ଏବଂ ଓଏଲଏମର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ସନ୍ତୋଷ କୁମାର ରଥ ସେମାନଙ୍କର ନିରନ୍ତର ବୈଷୟିକ ସହାୟତା ଏବଂ ପ୍ରଭାବଶାଳୀ କ୍ଷେତ୍ର ହସ୍ତକ୍ଷେପ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ।

## ଏକ୍ସ କ୍ୟାଡର ଶିକ୍ଷକ ସଂଘ ଗଠିତ

କୋଦଳା,୨୭।୭(ସମିସ): ବେଗୁନିଆପଡା ବ୍ଲକ ବୀର ଜଗନ୍ନାଥପୁର ସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ଏକ୍ସ କ୍ୟାଡ଼ର (ଲେବୁଲ ପଞ୍ଚମ) ଶିକ୍ଷକ ମାନଙ୍କର ବୈଠକ ଅନୁଷ୍ଠିତ ହୋଇଯାଇଛି।



ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ବିଭିନ୍ନ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରାଯିବା ସହ ଏକ ସଂଘ ଗଠନ କରାଯାଇଛି। ସଭାପତି ଭାବେ ଗୋବିନ୍ଦ ଜେନା, ସମ୍ପାଦକ ଭାବେ ଲୋକନାଥ ସ୍ୱାଇଁ, କୋଷାଧ୍ୟକ୍ଷ ଭାବେ ଛବିତା ମହାରଣା ଓ ଉପଦେଷ୍ଟା ଭାବେ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ଆଗାମୀ ଦିନରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିଭିନ୍ନ ସୁବିଧା ଅସୁବିଧା ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ସମାଧାନ କରିବାକୁ ଚେଷ୍ଟା କରାଯିବ ବୋଲି ନବ ନିର୍ବାଚିତ ସଂଘ କର୍ମକର୍ତ୍ତା କହିଛନ୍ତି।

## ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ଦିଗପହଣ୍ଡି,୨୭।୭(ସମିସ): ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଷଷ୍ଠୀ ପ୍ରସାଦ ବିଷୋୟୀ ଏବଂ ଭଗବତୀ ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମେଳାରେ ଆଚାର୍ଯ୍ୟ ବାବୁଲା ପଣ୍ଡା ସଂଯୋଜନା କରିଥିଲେ। ଉଦଘାଟନୀ ସମାରୋହରେ ବିଦ୍ୟାମନ୍ଦିର ପରିଚାଳନା ସମିତି ସମ୍ପାଦକ ପ୍ରକାଶ ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ଦୋରା, ପୂର୍ବତନ ଛାତ୍ର ତଥା ଡ଼ା.ନୀଳମାଧବ ରଥ, ଆବାହକ ରଞ୍ଜନ କୁମାର ସାହୁ ଏବଂ ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ସଙ୍କୁଳ ପ୍ରମୁଖ ଇଶ୍ୱର ଭୂୟାଁ ଏବଂ ପରିଚାଳନା କମିଟି ଉପଦେଷ୍ଟା ସନ୍ତୋଷ କୁମାର ପାଢୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଥମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୩୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଗଣିତ, ବିଜ୍ଞାନ ଓ ସଂସ୍କୃତି ଜ୍ଞାନର ପ୍ରଶ୍ନ ମଞ୍ଚ, ପ୍ରକଳ୍ପ, ପ୍ରୟୋଗ, ପତ୍ରବାଚନ, କଥା କଥନ ସମ୍ବନ୍ଧୀୟ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ବିଚାରକ ଭାବେ ୪୨ଜଣ ଶିକ୍ଷୟିତ୍ରୀ/ଶିକ୍ଷକ ଯୋଗଦେଇଥିଲେ। ମେଳା ପ୍ରଦର୍ଶନର ପ୍ରଥମାର୍ଦ୍ଧରେ ଆଚାର୍ଯ୍ୟ ଶ୍ରୀଧର ରଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନୀଳାଞ୍ଚଳ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସିଆରସିସି ଅନୀଲ କୁମାର ଦାସ, ଶ୍ରୀକାନ୍ତ ସାମନ୍ତରା, ଗୋବିନ୍ଦ ସାହୁ, ଦ୍ୱିତିକୃଷ୍ଣ ଗୌଡ଼, କେଶବ ରାଓ, ଦୀପକ ଜେନା, ସୁଜାତା ପାଢୀ, ଗୋପାଳ ସାବତ, ସଦାଶିବ ପାଢ଼ୀଙ୍କ ସମେତ ବିଦ୍ୟାମନ୍ଦିରର ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ସହଯୋଗ କରିଥିଲେ।



## କାର୍‌ଗିଲ୍ ବିଜୟ ଦିବସ ପାଳିତ




ଫୁଲବାଣୀ,୨୭।୭(ସମିସ): ମାଇ ଭାରତ ଫୁଲବାଣୀ ଶାଖା ତରଫରୁ ବିଏଡ କଲେଜ୍‌ରେ କାରଗିଲ ବିଜୟ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବରେ ଅବସପ୍ରାପ୍ତ ସେନା ଅଧିକାରୀ ପ୍ରଦୀପ କୁମାର୍ ପଣ୍ଡା, ସମ୍ମାନୀତ ଅତିଥି ଭାବରେ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ, ବିଏଡ କଲେଜ୍ ଅଧ୍ୟକ୍ଷ ଡ. ମଧୁପ ସୁନା, ସିଟି କଲେଜର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର, ଅଧ୍ୟାପକ ଦୋଳ ଗୋବିନ୍ଦ ସାହୁ, ଅକ୍ଷୟ କୁମାର ସ୍ୱାଇଁ, ଅଭିଷେକ ପ୍ରଧାନ, ପୁଲିସ ଅଧିକାରୀ ଦୀପିକା ପ୍ରଧାନ ଓ ଖେଳ ଶିକ୍ଷକ ଅମୁଲ୍ୟ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଏକ ପଦଯାତ୍ରା ଓ ଚାରାରୋପଣ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମାଇ ଭାରତର ସହକର୍ମୀ ସତ୍ୟବାନ୍ ଦଳବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅକ୍ଷୟ କୁମାର୍ ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ଜି.ଉଦୟଗିରି:** ଜି.ଉଦୟଗିରି ବିଜେପି ତରଫରୁ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ବିଜେପି ନଗର ସଭାପତି ଭେଙ୍କଟେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମାରୋହରେ ଜିଲ୍ଲା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ, ମାୟାବନ୍ଧୁ ପ୍ରଧାନ, ଜ୍ଞାନଚନ୍ଦ୍ର ପ୍ରଧାନ, ଲକ୍ଷ୍ମଣ ଆଚାର୍ଯ୍ୟ ଓ ପ୍ରଶାନ୍ତ ବଗର୍ତ୍ତିର୍ ସମେତ ବହୁ କର୍ମୀ ଉପସ୍ଥିତ ରହି ଭାରତୀୟ ସେନାର ପରାକ୍ରମ ବଖାଣିଥିଲେ।




# ଲୋପ ପାଇଲାଣି ଗାଁ ଗହଳିର ଢିଙ୍କି

ଶେରଗଡ, ୨୭।୭(ସମିସ)

ଆଧୁନିକତାର ଦୌଡ଼ ଓ ସମୟର ଆବଶ୍ୟକତା ଭିତ୍ତିରେ ପୁରୁଣା ଓ ପାରମ୍ପରିକ ଘରକରଣା ଜିନିଷ ଲୋପ ପାଇବାକୁ ବସିଲାଣି। ପୂର୍ବ କାଳର ଘୋରଣା, ଶିଳ, ଶିଳପୁଆ, ପେଷଣା, ଢିଙ୍କି ଭଳି ଓଡିଆ ଗ୍ରାମୀଣ ଘରକରଣା ଜିନିଷ ସବୁ ଆଉ ଦେଖିବାକୁ ମିଳୁନି। ଝିଅ ବାହାଘର ସମୟରେ ଏସବୁ ଘରକରଣା ସାମଗ୍ରୀ ଦିଆଯାଉଥିଲା। ଏବେ କିନ୍ତୁ ଘୋରଣାର ଘର ଘର ଶବ୍ଦ ଓ ଢିଙ୍କି କୁଟା ଶବ୍ଦ ଆଉ ଶୁଭୁନି। ବର୍ତ୍ତମାନ ଯୁଗରେ ଢିଙ୍କିର ସ୍ଥାନ ନେଇଛି ମିଲ। ଘୋରଣାରେ ଚୁରା ଯାଉଥିବା ଶସ୍ୟରୁ ପ୍ରସ୍ତୁତ ପିଠା ପଣାର ସ୍ୱାଦ ମଧ୍ୟ ଅଲଗା ରହୁଥିଲା। ଶିଳପୁଆରେ ମସଲା ବଟା ଯାଉଥିଲା। ସେହି ଅନୁପାତରେ ମସଲାର ଗୁଣବତ୍ତା ଓ ସୁଗନ୍ଧରେ ଘରେ ପ୍ରସ୍ତୁତ ବେସର, ତରକାରୀ ସ୍ୱାଦ ମଧ୍ୟ ରହୁଥିଲା। ତେବେ ସମୟ ବଦଳିବା ସହ ଲୋକଙ୍କ ଜୀବନ ଶୈଳୀ ମଧ୍ୟ ବଦଳିବାରେ ଲାଗିଛି। ଘୋରଣା, ଶିଳ, ଶିଳପୁଆ, ପେଷଣା, ଢିଙ୍କି ବଦଳରେ ଲୋକେ ଗ୍ରାଇଣ୍ଡର ଓ ମିଲର ସାହାଯ୍ୟ ନେବାରେ ଲାଗିଛନ୍ତି। ଫଳରେ ଆଉ ଶାରୀରିକ ଶ୍ରମ କରିବାକୁ ପଡୁନି। ଯାହା ଦ୍ୱାରା ଲୋକେ ଉଚ୍ଚ ରକ୍ତ ଚାପ, ମଧୁମେହ, ମୋଟାପଣ ଭଳି ନାନା ରୋଗରେ ପୀଡ଼ିତ ହେଉଛନ୍ତି। ଶେରଗଡ ସହର କିମ୍ବା ଏହାର ନିକଟସ୍ଥ ଗ୍ରାମାଞ୍ଚଳରେ ଆଉ ପ୍ରାୟତଃ କେଉଁ ସ୍ଥାନରେ ବି ଢିଙ୍କି ଦେଖିବାକୁ ମିଳୁନି। କାଁ ଭାଁ କିଛି ଗ୍ରାମାଞ୍ଚଳରେ ଜଣେ କିମ୍ବା ଦୁଇ ଜଣଙ୍କ ଘରେ ଢିଙ୍କି ରହିଥିଲେ ମଧ୍ୟ ଏହାର ବ୍ୟବହାର କରାଯାଉନି। କିଛି ଶିଳ୍ପୀ ପଥରରେ ତିଆରି ଘୋରଣା, ପେଷଣା, ଶିଳପୁଆ ପ୍ରସ୍ତୁତ କରି ପରିବାର ପ୍ରତିପୋଷଣ କରୁଥିବାର ଦେଖିବାକୁ ମିଳିଛି। ଏସବୁ ପଥରରେ ତିଆରି ଘୋରଣା, ପେଷଣା, ଶିଳପୁଆ ଗୁଡିକ କେବଳ ଝିଅ ବାହାଘର ସମୟରେ ଦିଆଯାଉଛି। ହେଲେ ପ୍ରଥା ପରମ୍ପରା ଅନୁସାରେ ଏଗୁଡ଼ିକ ଶାଶୁଘରକୁ ଝିଅମାନେ ନେଉଥିବାବେଳେ ତାହା ବ୍ୟବହାର ନ ହୋଇ କେବଳ ଘର ସାମ୍ନାରେ ପୋତି ହୋଇ ରହୁଛି। ତେଣୁ ଆଗାମୀ ଦିନରେ ପୁରୁଣା ଘରକରଣା ଜିନିଷ ଗୁଡିକ ଇତିହାସ ହୋଇ ରହିଯିବ ବୋଲି ବହୁ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।



